

ଟିପ୍ପଣୀ

# ଏକକ ୧୫: ବିଦ୍ୟାଳୟ ଓ ଗୋଷ୍ଠୀରେ କର୍ମ ଶିକ୍ଷା

**ସଂରଚନା**


୧୫.୦. ଉପକ୍ରମ

୧୫.୧. ଶିକ୍ଷଣ ଉଦ୍ଦେଶ୍ୟ

୧୫.୨. କର୍ମ ଶିକ୍ଷା ସଂକ୍ରାନ୍ତରେ ଗୋଷ୍ଠୀର ଭୂମିକା

୧୫.୩. କର୍ମ ଶିକ୍ଷା କାର୍ଯ୍ୟାନ୍ୱୟନ ପାଇଁ ଗୋଷ୍ଠୀ ସମ୍ୱଳର ଚିହ୍ନଟ ଓ ବିନିଯୋଗ

୧୫.୪. କର୍ମ ଶିକ୍ଷାର ଗୁରୁତ୍ୱ ବିଷୟରେ ଅଭିଭାବକ ଓ ଗୋଷ୍ଠୀର ଅଭିବିନ୍ୟାସ / ଅଭିମୁଖୀକରଣ

୧୫.୫. ସାରାଂଶ

୧୫.୬. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୫.୭. ପାଠାନ୍ତ ପ୍ରଶ୍ନାବଳୀ


## ୧୫.୦ ଉପକ୍ରମ

"ପ୍ରଭାବୀ ଶିକ୍ଷା କେବଳ ବିଦ୍ୟାଳୟ, ପରିବାର ଓ ସମାଜର ସମ୍ମିଳିତ ଦାୟିତ୍ୱ ଦ୍ୱାରା ସମ୍ଭବ"-ତୁମେ କେବେ ଏହି ଉକ୍ତି ପ୍ରତି ଧ୍ୟାନ ଦେଇଛ କି ? ଏହି ଉକ୍ତିରୁ ଏହା ସୁସ୍ପଷ୍ଟ ଯେ ପିଲାମାନଙ୍କ ଶିକ୍ଷା କେବଳ ପୂର୍ଣ୍ଣ ରୂପେ ବିଦ୍ୟାଳୟର ଦାୟିତ୍ୱ ନୁହେଁ, ଲୋକମାନଙ୍କ ଭାଗିଦାରୀତା ଏଥି ପାଇଁ ଜରୁରୀ । ଏହି ଏକକରେ ଗୋଷ୍ଠୀ କହିଲେ ଆମେ କ'ଣ ବୁଝୁ ତୁମେ ଜାଣିବ ।

ବିଦ୍ୟାଳୟ କିପରି ଭାବରେ ଉଭୟ ବିଶେଷ ଅଧିକାରପ୍ରାପ୍ତ ଓ ଅଧିକାରରୁ ବଞ୍ଚିତ ସ୍ଥିତିରେ ଗୋଷ୍ଠୀର ସହଯୋଗ ଲୋଡ଼ିପାରିବ ? କିପରି ଏବଂ କାହିଁକି ଏହା କର୍ମ ଶିକ୍ଷାରେ ଗୋଷ୍ଠୀର ସହଯୋଗ ନେବ ? କର୍ମ ଶିକ୍ଷାର ମହତ୍ୱକୁ ପିତାମାତାମାନେ କିପରି ବିବେଚନା କରିବା ଉଚିତ ତୁମେ ମଧ୍ୟ ଜାଣି ପାରିବ । କର୍ମ ଶିକ୍ଷାର ମହତ୍ୱ ସହ ପିତାମାତାମାନେ କିପରି ପରିଚିତ ହୋଇପାରିବେ ସଂକ୍ରାନ୍ତରେ ଏବଂ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ କର୍ମଶିକ୍ଷା ସଂକ୍ରାନ୍ତରେ ପିତାମାତା ଓ ଅଭିଭାବକଙ୍କ ଆଶା କ'ଣ ଥାଏ ମଧ୍ୟ ତୁମେ ଜାଣିପାରିବ ।

## ୧୫.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ଶିକ୍ଷଣ ଉଦ୍ଦେଶ୍ୟ ନିମ୍ନରେ ଦିଆଯାଇଛି

-ଗୋଷ୍ଠୀ ସଂକ୍ରାନ୍ତ ଧାରଣା ବୁଝିବାରେ ସେମାନଙ୍କୁ ସମର୍ଥ କରିବ ।

-ଗୋଷ୍ଠୀ ସହଯୋଗର ଗୁରୁତ୍ୱ ବର୍ଣ୍ଣନା କରିବା ।

-ଗୋଷ୍ଠୀରେ ଉପଲବ୍ଧ ସମ୍ୱଳର ଚିହ୍ନଟ କରିବା ।

-ଗୋଷ୍ଠୀ ସମ୍ୱଳ ବିନିଯୋଗର କୌଶଳ ଅନୁସନ୍ଧାନ କରିବା ।

-କର୍ମ ଶିକ୍ଷା ସଂକ୍ରାନ୍ତରେ ପିତାମାତାଙ୍କୁ ସୁପରିଚିତ କରାଇବା ପାଇଁ ବିଭିନ୍ନ ପଦ୍ଧତି ପ୍ରଚଳନ କରିବା

## ୧୫.୨ କର୍ମ ଶିକ୍ଷା ସମ୍ୱନ୍ଧରେ ଗୋଷ୍ଠୀର ଭୂମିକା

ବିଦ୍ୟାଳୟରେ କର୍ମ ଶିକ୍ଷା ପାଇଁ ଗୋଷ୍ଠୀ ସହଯୋଗ ଲାଭ କରିବା ପୂର୍ବରୁ ଗୋଷ୍ଠୀର ଧାରଣା ବିଷୟରେ ଜଣେ ବିଚାର କରିବା ଆବଶ୍ୟକ ।

ଟିପ୍ପଣୀ

ଗୋଷ୍ଠୀ ହେଲା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସବାସ କରୁଥିବା ଜନସାଧାରଣଙ୍କର ଏକ ସମୂହ; ଯାହା ଉପଲବ୍ଧ ସମ୍ବଳ ଜରିଆରେ ଦୈନନ୍ଦିନ ଆବଶ୍ୟକତାକୁ ସମାନ ଓ ପାରସ୍ପରିକ ଭାବରେ ପୂରଣ କରେ ।

ଏକ ଗୋଷ୍ଠୀର ବର୍ଣ୍ଣନା କିଛି ଲୋକଙ୍କ ସମୂହରୁ ପୂରା ବିଶ୍ୱର ବି ହୋଇପାରେ । ଗୋଷ୍ଠୀ ଧାରଣା ପ୍ରତ୍ୟେକ ଉଦାହରଣରେ ପରିବର୍ତ୍ତନ ହୋଇଥାଏ । ତଥାପି, ନିମ୍ନଲିଖିତ ସର୍ତ୍ତଗୁଡ଼ିକ ଗୋଷ୍ଠୀ ଅବଧାରଣାରେ ସାମିଲ ହୋଇଥାଏ ।:

-ବିଭିନ୍ନ କୋଷକୁ ନେଇ ଜୀବ ସୃଷ୍ଟି ହେବା ପରି ବିଭିନ୍ନ ଲୋକଙ୍କୁ ଏକତ୍ରିତ କରି ଗୋଷ୍ଠୀ ଗଠିତ ହୁଏ ।

-ଜ୍ଞାତ/ଅଜ୍ଞାତରେ ସବୁ ଲୋକ ଏକକ ଲକ୍ଷ୍ୟ ସହ ସଂଯୁକ୍ତ ହୋଇଥାନ୍ତି ।

-ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ଜୀବକୋଷ ଓ ଜୀବର ସମ୍ପର୍କ ପରି ଏବଂ ଏହା ଚିରନ୍ତନ ପ୍ରକ୍ରିୟା ।

-ସବୁ ଲୋକ ମିଳିତ ଉଦ୍ୟମରେ ନୂଆନୂଆ ସୃଷ୍ଟି କରନ୍ତି ଏବଂ ଅଭିଜ୍ଞତା ବଣ୍ଟନ କରନ୍ତି ।

ବିଦ୍ୟାଳୟ ଓ ଗୋଷ୍ଠୀକୁ ଏକାଠି ଚାଲିବାର ଆବଶ୍ୟକତା ଉପରେ ମହାତ୍ମା ଗାନ୍ଧି ଗୁରୁତ୍ୱାରୋପ କରିଥିଲେ । " ଯଦି ଶିକ୍ଷା ଜରିଆରେ ନୂତନ ସାମାଜିକ ବ୍ୟବସ୍ଥା ପ୍ରତିଷ୍ଠିତ ହୁଏ, ତେବେ ଉଭୟ ପୃଥକ୍‌ଭାବେ ତିଷ୍ଠି ପାରିବେ ନାହିଁ ।"

ଆମେ ସମସ୍ତେ ଜାଣୁ ଯେ ଶିକ୍ଷକ ଏବଂ ପିତାମାତାଙ୍କୁ ଅଧିକ ନିକଟତର କରାଇବା ଦ୍ୱାରା ଶିକ୍ଷା ପ୍ରଣାଳୀ ଅଧିକ ସମୃଦ୍ଧ ହୋଇଥାଏ । ପିଲାମାନଙ୍କର ଆବଶ୍ୟକ ଥିବା ବିଦ୍ୟାଳୟ ପ୍ରତି ଗୋଷ୍ଠୀ ଅଧିକ ଧ୍ୟାନ ଦେବା ଉଚିତ । ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ଓ ଉପଲବ୍ଧତାକୁ ଗୋଷ୍ଠୀ କୌଣସି ପରିସ୍ଥିତିରେ ସମ୍ପୂର୍ଣ୍ଣ ରୂପେ ବିଦ୍ୟାଳୟ ଉପରେ ଛାଡ଼ିଦେବା ଅନୁଚିତ । ଗୋଷ୍ଠୀ ନିକଟରୁ ବିଦ୍ୟାଳୟ ନିମ୍ନଲିଖିତଗୁଡ଼ିକୁ ଆଶାପୋଷଣ କରିଥାଏ-

-ପିଲା ନିୟମିତ ବିଦ୍ୟାଳୟ ଆସିବା ଆବଶ୍ୟକ ।

-ବିଦ୍ୟାଳୟ ପ୍ରତି ସେମାନଙ୍କ ସମୟାନୁବର୍ତ୍ତିତାକୁ ଧ୍ୟାନ ଦିଆଯିବା ଉଚିତ ।

-ବିଦ୍ୟାଳୟର ଶୈକ୍ଷିକ ପ୍ରକ୍ରିୟା ତଦାରଖରେ ସେମାନଙ୍କ ଭାଗିଦାରୀ ବୃଦ୍ଧି କରିବା

-କର୍ମ ଶିକ୍ଷା ସମ୍ପର୍କିତ କାର୍ଯ୍ୟଗୁଡିକର ଚୟନରେ ପ୍ରସ୍ତାବନା ଓ ପରାମର୍ଶ

-ସମୟ ନିର୍ଘଣ୍ଟରେ କର୍ମ ଶିକ୍ଷାର ଆବଶ୍ୟକତା ଓ ସମୟ ବିଷୟରେ ସେମାନଙ୍କ ମତାମତ ଉପସ୍ଥାପନ -କର୍ମ ଶିକ୍ଷା ପାଇଁ ପ୍ରୟୋଗଶାଳା ପ୍ରତିଷ୍ଠା କରିବାରେ ସକ୍ରିୟ ସହଯୋଗ କରିବା । ଉଦାହରଣ ସ୍ୱରୂପ କର୍ମଶିକ୍ଷା ପାଇଁ ସାମଗ୍ରୀ କ୍ରୟ ବିକ୍ରୟ ଏବଂ ସେଗୁଡ଼ିକର ରକ୍ଷଣାବେକ୍ଷଣ ସଂକ୍ରାନ୍ତ ସୂଚନା ଆଦାନପ୍ରଦାନରେ ଭାଗିଦାରୀ

-କାର୍ଯ୍ୟଗୁଡିକର ପ୍ରଦର୍ଶନରେ ସହଯୋଗ

-ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ ଓ ଆକଳନରେ ସକ୍ରିୟ ଅଂଶଗ୍ରହଣ

ଉପର ଲିଖିତ କ୍ଷେତ୍ରଗୁଡ଼ିକ ବ୍ୟତୀତ ଗୋଷ୍ଠୀର ସକ୍ରିୟ ଅଂଶଗ୍ରହଣ ଦ୍ୱାରା କର୍ମ ଶିକ୍ଷାର କାର୍ଯ୍ୟାନ୍ୱୟନକୁ ପ୍ରଭାବୀ କରାଯାଇ ପାରୁଥିବା ସମ୍ଭାବ୍ୟ ଅନ୍ୟାନ୍ୟ କ୍ଷେତ୍ରଗୁଡ଼ିକ ସମ୍ପର୍କରେ ମଧ୍ୟ ତୁମେ ବିଚାର କରିପାରିବ । ଏଠାରେ ଏକ ଉଲ୍ଲେଖଯୋଗ୍ୟ କାରକ ହେଲା, ବିଦ୍ୟାଳୟ କେବଳ ଗୋଷ୍ଠୀ ନିକଟରୁ ଆଶା କରିବା ଅନୁଚିତ, ଏହା ମଧ୍ୟ ଗୋଷ୍ଠୀ ପାଇଁ ଏହାର ସେବା ଉପଲବ୍ଧ କରାଇବା ବା ପାରସ୍ପରିକ କ୍ରିୟାକଳାପ ଜରିଆରେ ପରସ୍ପରକୁ ସହାୟତା ପ୍ରଦାନ କରିବା ଉଚିତ । ପିତାମାତା ଓ ଶିକ୍ଷକଙ୍କ ମଧ୍ୟରେ ଦୂରତା ହ୍ରାସ ହେଲେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସମୃଦ୍ଧ ହୋଇଥାଏ । ବିଦ୍ୟାଳୟ ସମାଜରୁ ପୃଥକ୍ ନୁହେଁ, ଏହା ସମାଜର ଅଂଶବିଶେଷ ହେବା ଉଚିତ । ତେଣୁ ବିଦ୍ୟାଳୟ ଏହାର ଫାଟକ ସମାଜ ପାଇଁ ଖୋଲା ରଖିବା ଆବଶ୍ୟକ ।

ବିଦ୍ୟାଳୟ ମଧ୍ୟ ସମାଜ ପାଇଁ ଅନେକ କାର୍ଯ୍ୟମାନ ଆୟୋଜନ କରିପାରିବ । ଉଦାହରଣ ସ୍ୱରୂପ-

-କର୍ମ ଶିକ୍ଷାରେ ଜଳାଶୟ ପରିଷ୍କାର, ଖାଲଖମା ପୋତିବା, ଗୋଷ୍ଠୀ ଉଦ୍ୟାନରେ ଉଦ୍ୟାନୀକରଣ କାର୍ଯ୍ୟ, ଖତସାର ପରିଚାଳନା

ଇତ୍ୟାଦି କାର୍ଯ୍ୟମାନ ଚୟନ କରିପାରିବେ ।

-ଶିଳ୍ପୀକାର(ବୁଣାକାର)ଙ୍କ ପରିଚୟ ଏବଂ ମନୋବଳ ବୃଦ୍ଧି ପାଇଁ ସେମାନଙ୍କ ସାକ୍ଷାତକାର ଆୟୋଜନ ।

-ବିଦ୍ୟାଳୟକୁ ଆସୁନଥିବା ପିଲାଙ୍କ ସଂଖ୍ୟା ଏବଂ ନିରକ୍ଷକ ବୟସ୍କ ବ୍ୟକ୍ତିଙ୍କ ସର୍ବେକ୍ଷଣ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଇବା । ଏହା ସର୍ବେକ୍ଷଣକୁ ଖାଲି ସୁଦୃଢ଼ କରିବ ନାହିଁ ବିଦ୍ୟାଳୟ ଆସୁନଥିବା ପିଲାମାନଙ୍କୁ ବିଦ୍ୟାଳୟ ଆସିବା ପାଇଁ ପ୍ରବର୍ତ୍ତାଇବା ଏବଂ ପ୍ରୌଢଶିକ୍ଷା କେନ୍ଦ୍ରମାନ ଆୟୋଜିତ ଓ ସଂଯୋଜିତ ହୋଇପାରିବ ।

-ପଲ୍ସ ପୋଲିଓ ଟିକାକରଣ ଅଭିଯାନ ପାଇଁ ବିଦ୍ୟାଳୟ ତାହାର ପରିସର ବ୍ୟବହାର ନିମିତ୍ତ ଯୋଗାଇବ ଏବଂ ଏହି ଅଭିଯାନରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ସାମିଲ କରାଇବ ।

-ସମାଜରେ ସାମାଜିକ ଉତ୍ସବ ପାଳନ ଅବସରରେ ସାଜସଜ୍ଜାରେ ଅଂଶଗ୍ରହଣ କରିବା

-ପିଲାମାନଙ୍କୁ ଶ୍ରମ ସହ ଏପରିଭାବରେ ପରିଚିତ କରାଇବେ ଯେମିତି ସେମାନେ ଶ୍ରମକୁ ସମ୍ମାନ ପ୍ରଦାନ କରିବେ ।

-ସ୍ଥାନୀୟ ହସ୍ତଶିଳ୍ପ ଉତ୍ପାଦର ପ୍ରଦର୍ଶନୀ ଆୟୋଜନରେ ବିଦ୍ୟାଳୟ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ ।

ଉପରଲିଖିତ ବିନ୍ଦୁଗୁଡ଼ିକ ଉଦାହରଣ ଜରିଆରେ ଉପସ୍ଥାପନ କରାଯିବ । ତୁମେ ତୁମ ଗୋଷ୍ଠୀର ଆବଶ୍ୟକତା ଭଲଭାବେ ଜାଣିଛ । ଏଣୁ, ତୁମେ ସମାଜ ପାଇଁ ଗୋଷ୍ଠୀ ସମ୍ବଳର ବିନିଯୋଗ ଏବଂ ଯୋଜନାବଦ୍ଧ ଯୋଗଦାନ ଦେଇପାରିବ ।

## ୧୫.୩ କର୍ମ ଶିକ୍ଷା କାର୍ଯ୍ୟାନ୍ୱୟନ ପାଇଁ ଗୋଷ୍ଠୀ ସମ୍ବଳର ଚିହ୍ନଟ ଓ ବିନିଯୋଗ-

ବିଦ୍ୟାଳୟ ଏବଂ ଗୋଷ୍ଠୀର ବ୍ୟକ୍ତିଗତ ସମ୍ପର୍କ ସଂକ୍ରାନ୍ତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗୋଷ୍ଠୀ ଓ ପରିବେଷ୍ଟନୀ ଏକ ସମ୍ବଳ ଭାବରେ ଗୃହୀତ । ଗ୍ରାମ ତଥା ସହରାଞ୍ଚଳ ପରିବେଷ୍ଟନୀ ଓ ଗୋଷ୍ଠୀ ପାଠ୍ୟକ୍ରମ ପ୍ରସ୍ତୁତିରେ ମହତ୍ୱପୂର୍ଣ୍ଣ ସମ୍ବଳ ଅଟନ୍ତି ।

ଗ୍ରାମ୍ୟ ପରିବେଷ୍ଟନୀର ବହୁଳତା ଏବଂ ଏହାର ଦୃଶ୍ୟ ସମ୍ଭାରରେ ଖେଳ, ଜଙ୍ଗଲ, ପୋଖରୀ, ନଦୀ, ବୃକ୍ଷ, ବଗିଚା, ପକ୍ଷୀ ଓ ପଶୁ ସାମିଲ ; ଯେଉଁଗୁଡ଼ିକ ପାଠ୍ୟକ୍ରମର ମୁଖ୍ୟ କାରକ । ସେହିପରି, ବ୍ୟସ୍ତବହୁଳ ଗାଷ୍ଠୀ କେନ୍ଦ୍ର, ଶିଳ୍ପ ପରିସର, କ୍ଷୁଦ୍ର ଓ ବୃହତ୍ ଜନବସତି, ଝୋପଡ଼ପଟି, କଲୋନୀ, ଶସ୍ୟ ବଜାର, ପରିବା ବଜାର, ଗୋଶାଳା, ସାଂସ୍କୃତିକ କେନ୍ଦ୍ର, ନୃତ୍ୟସଂଗୀତ ପ୍ରେକ୍ଷାଳୟ, ବ୍ୟାୟାମଶାଳା, ମୁଷ୍ଟିଯୁଦ୍ଧ ଆଖଡ଼ା ଇତ୍ୟାଦି ପାଠ୍ୟକ୍ରମର ଗୋଟିଏ ଗୋଟିଏ କାରକ ଅଟନ୍ତି ।

### ୧୫.୩.୧ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଗୋଷ୍ଠୀର ସହଯୋଗ

ପାଠ୍ୟକ୍ରମରେ ଅନେକ କାର୍ଯ୍ୟକ୍ରମ ଓ ଖେଳ ରହିଛି; ଯାହା ପିଲାମାନଙ୍କ ପିତାମାତାଙ୍କ ଦ୍ୱାରା କରାଯାଇଥାଏ । ସବୁ ପିତାମାତା ନହେଲେ ବି କେତେକ ପିତାମାତା ସେମାନଙ୍କ ପିଲାମାନଙ୍କୁ ପାଠଯୋଜନାର ବିଭିନ୍ନ ଭାଗ ଯଥା-ଭାଷା, ସାମାଜିକ ପାଠ ଏବଂ କଳାରେ ସାହାଯ୍ୟ କରିବା ପାଇଁ ସକ୍ଷମ ଏବଂ ଏଥି ପାଇଁ ସେମାନେ ଗର୍ବ ଅନୁଭବ ମଧ୍ୟ କରିଥାନ୍ତି । ଏଥି ପାଇଁ ପିତାମାତା ଶିକ୍ଷିତ ହୋଇଥିବା ଆବଶ୍ୟକ ନୁହେଁ । ନିରକ୍ଷର ପିତାମାତା ମଧ୍ୟ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ସେମାନଙ୍କ ପିଲାମାନଙ୍କୁ ସାହାଯ୍ୟ କରିପାରିବେ । ଗ୍ରାମର ବୟସ୍କ ବ୍ୟକ୍ତି ଗ୍ରାମର ବିଭିନ୍ନ ଐତିହାସିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ଅଣମହତ୍ୱ କଥା ବଖାଣିବାକୁ ସକ୍ଷମ । ସେହି ପରି ପିଲାମାନଙ୍କ ପାଇଁ ଛୋଟବଡ଼ କାର୍ଯ୍ୟ ଓ ସୁନ୍ଦର ସୁନ୍ଦର ବସ୍ତୁ ନିର୍ମାଣ କରି ଆନନ୍ଦ ପ୍ରଦାନ କରୁଥିବା ଗାଁ କୁମ୍ଭାର, ବଢ଼େଇ ଏବଂ ଅନ୍ୟ ଶିଳ୍ପକାରମାନେ କଲୋନୀ/ଗାଁ/ସହରର ବୟସ୍କ ବ୍ୟକ୍ତିଙ୍କ ଠାରୁ ମାଟିଖେଳଣା ତିଆରି ଓ ସ୍ଥାନୀୟ ପରିବେଷ୍ଟନୀ ସଂକ୍ରାନ୍ତ ସୂଚନା ପ୍ରଦାନରେ ଉତ୍ତମ ଉତ୍ସ ହୋଇଥାନ୍ତି ।

-ତୁମେ ପିଲାମାନଙ୍କୁ ଭ୍ରମଣରେ ନେବାକୁ ଚାହୁଁଛ । ତୁମେ ସେମାନଙ୍କୁ ଏକାକୀ ନେବାରେ ଅସୁବିଧା ଅନୁଭବ କରୁଛ । ଏହି ପରିସ୍ଥିତିରେ ତୁମେ ଯାତ୍ରା ବାତିଲ କରିବ ନା ସହାୟତା ନିମନ୍ତେ ଜଣେ ଅଭିଭାବକଙ୍କୁ ଆମନ୍ତ୍ରଣ କରିବ ?

-ସ୍ଥାନୀୟ ପରିବେଷ୍ଟନୀରେ ଅନେକ ଗଛଲତା ରହିଛି; ଯାହା ସହିତ ତୁମେ ପରିଚିତ ନୁହଁ । ମନେକରାଯାଉ ଅନ୍ୟ ଶିକ୍ଷକମାନେ ମଧ୍ୟ ସେଗୁଡ଼ିକୁ ଚିହ୍ନି ପାରୁନାହାନ୍ତି । ପିଲାମାନଙ୍କ ଅଭିଭାବକଙ୍କ ନିକଟରୁ ସୂଚନା ପାଇବାରେ ତୁମେ କୁଣ୍ଠିତ ହେବା ଅନୁଚିତ ।

ଟିପ୍ପଣୀ

-ଜଣେ ନିର୍ଦ୍ଦିଷ୍ଟ ପିଲାର ପିତାମାତା/ଭାଇଭଉଣୀ କିମ୍ବା ଅନ୍ୟ କେହି ସମ୍ପର୍କୀୟ ସରଳ ଯୋଗ କ୍ରିୟାରେ ପାରଦର୍ଶୀ ଥିବା ତୁମେ କୌଣସି ଉପାୟରେ ଜାଣିବାକୁ ପାଇଲ । ତୁମେ ସେମାନଙ୍କ ସାହାଯ୍ୟ ନେଇ ପାରିବ ।

-ମେଳା-ମହୋତ୍ସବ ଇତ୍ୟାଦି ଆୟୋଜନ କରିବାରେ ପିତାମାତାଙ୍କ ଭୂମିକାର କୌଣସି ସୀମାସରହଦ ନାହିଁ । ସାମାଜିକ ପୃଷ୍ଠଭୂମିକୁ ଦୃଷ୍ଟିରେ ରଖି ତୁମେ ସେମାନଙ୍କ ଭୂମିକା, ବିଷୟ ଓ ସୀମା ନିର୍ଦ୍ଧାରଣ କରିପାରିବ ।

**୧୫.୩.୨ ବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କ ମୂଲ୍ୟାୟନ ପ୍ରକ୍ରିୟାରେ ଗୋଷ୍ଠୀର ଯୋଗଦାନ**

ସାଧାରଣତଃ ମୂଲ୍ୟାୟନ କହିଲେ କୌଣସି ବସ୍ତୁର ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାକୁ ବୁଝାଏ । ମାତ୍ର ଜଣେ ଶିକ୍ଷକ ଭାବରେ ଆମେ ଏହାର ବୈଷୟିକ ଦିଗକୁ ଅସ୍ୱୀକାର କରିପାରିବା ନାହିଁ । ପଠନ, ଲିଖନ, ଗଣିତରେ ପିଲାମାନେ କେତେ ନମ୍ବର ପ୍ରାପ୍ତ ହେଲେ ଅର୍ଥାତ୍ ଏହିସବୁ ବିଷୟରେ ସେମାନେ କ'ଣ ସବୁ ଶିକ୍ଷାଲାଭ କରିଛନ୍ତି, ପିଲାମାନେ ସେସବୁକୁ ମନେରଖିଛନ୍ତି କି, କେତେ ପରିମାଣରେ ସେମାନେ ମନେ ରଖିଛନ୍ତି ଇତ୍ୟାଦି ଜାଣିବା ମୂଲ୍ୟାୟନ ପ୍ରକ୍ରିୟାର ଉଦ୍ଦେଶ୍ୟ ନୁହେଁ ।

ବିଶେଷକରି, ଜୀବନ ଜୀଇଁବାର କୌଶଳ ପାରମ୍ପରିକ ମୂଲ୍ୟାୟନ ଢାଞ୍ଚା ତୁଳନାରେ ଅଧିକ ଭିନ୍ନ ଓ ବ୍ୟାପକ ଅଟେ । ମୂଲ୍ୟାୟନର ଉଦ୍ଦେଶ୍ୟ ବିଭିନ୍ନ ବିଷୟ ସଂକ୍ରାନ୍ତରେ ସୂଚନା ଏକତ୍ରିତ କରିବା ନୁହେଁ, ବରଂ ସେମାନଙ୍କ ବ୍ୟକ୍ତିତ୍ୱର ବହୁମୁଖୀ ଦିଗ ବିଷୟରେ ଜ୍ଞାନଲାଭ କରିବା । ଏହି ସୂଚନା ଆଧାରରେ ଜଣେ ବ୍ୟକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମେ ଗୋଷ୍ଠୀ କାର୍ଯ୍ୟକ୍ରମଗୁଡ଼ିକୁ ଆୟୋଜନ କରିପାରିବା । ଏହି ଧରଣର ମୂଲ୍ୟାୟନରେ ପାରିବାରିକ ସହଯୋଗ ଆବଶ୍ୟକ । ଏହାର କାରଣ ହେଲା, ପିଲାର ଆଚରଣରେ କୌଣସି ପରିବର୍ତ୍ତନ ହୋଇଛି କି ଆମର ଜାଣିବା ଆବଶ୍ୟକ । ପିଲାଟି ତା' ଜିନିଷପତ୍ର ଠିକ୍‌ରେ ରଖିପାରୁଛି କି ନାହିଁ ଏବଂ ପରିଷ୍କାର ପରିଚ୍ଛନ୍ନ ରହୁଛି କି ନାହିଁ, ବଡ଼ ମାନଙ୍କୁ ସେ ସମ୍ମାନ ପ୍ରଦାନ କରୁଛି କି, ଗାଁରେ ଉପଲବ୍ଧ ସୁବିଧାସୁଯୋଗ ସଂକ୍ରାନ୍ତରେ ସେ ତାଙ୍କ ବନ୍ଧୁ, ପଡ଼ୋଶୀଙ୍କୁ ସୂଚନା ଦେଉଛି କି ନାହିଁ ଇତ୍ୟାଦି । ଆମେ ଏହିସମସ୍ତ ସୂଚନା ପିଲାର ପିତାମାତା, ଅଭିଭାବକ ବା ପଡ଼ୋଶୀଙ୍କଠାରୁ ପାଇପାରିବା । ଆମେ ଏହିସବୁ ସୂଚନା ପାଇବା ପାଇଁ ଦ୍ୱିଧାବୋଧ କରିବା ନାହିଁ କିମ୍ବା ସେମାନଙ୍କଠାରୁ ପାଇଥିବା ସୂଚନାରେ ସନ୍ଦେହପ୍ରକଟ କରିବା ନାହିଁ ।

**ନିଜ ଅଗ୍ରଗତିର ଆକଳନ -୧**

୧-ଗୋଷ୍ଠୀର ସଂଜ୍ଞା ନିରୂପଣ କର ?

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------

୨- ତୁମ ବିଦ୍ୟାଳୟ ସ୍ଥିତିକୁ ଦୃଷ୍ଟିରେ ରଖି ଗୋଷ୍ଠୀ ପ୍ରତି ତୁମ ବିଦ୍ୟାଳୟର ଯୋଗଦାନ ଉଲ୍ଲେଖ କର ।

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------

୩- ସହରାଞ୍ଚଳରେ ଉପଲବ୍ଧ କେତେକ ସମ୍ବଳ ଚିହ୍ନଟ କର ଯାହା କର୍ମଶିକ୍ଷା ସଂକ୍ରାନ୍ତରେ ବ୍ୟବହାର କରାଯାଇ ପାରିବ ।

--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------
--------------------------------------------------------------------------------

ଟିପ୍ପଣୀ

## ୧୫.୪. କର୍ମ ଶିକ୍ଷାର ମହତ୍ୱ ପ୍ରସଙ୍ଗରେ ପିତାମାତା ଓ ଗୋଷ୍ଠୀ ପାଇଁ ଅଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜନ

ଅଧିକାଂଶ ସମୟରେ କର୍ମଶିକ୍ଷା ପାଇଁ ସମୟସାରଣୀରେ ଉପଯୁକ୍ତ ସମୟ ପ୍ରଦାନ କରାଯାଇଥାଏ ମାତ୍ର ବାସ୍ତବରେ ସେହି ପିରିୟଡ୍‌କୁ ଅନ୍ୟ ବିଷୟ ପାଇଁ ଆବଣ୍ଟିତ କରାଯାଇଥାଏ । ଏହା ଯୁକ୍ତି କରାଯାଏ ଯେ "ଗଣିତ ଓ ବିଜ୍ଞାନ ପାଠ୍ୟଖସଡ଼ା ଅଧିକ । ଏହିସବୁ ବିଷୟ ଗୁରୁତ୍ୱପୂର୍ଣ୍ଣ ଏବଂ ତୁଳନାତ୍ମକଭାବେ କଷ୍ଟକର । ଏଣୁ ଏହି ସବୁ ବିଷୟକୁ ଅଧିକ ସମୟ ପ୍ରଦାନ କରାଯିବା ଉଚିତ ।"

ଏହି ଯୁକ୍ତି ଦ୍ୱାରା ଏହା ସ୍ପଷ୍ଟ ଯେ କର୍ମ ଶିକ୍ଷା ଅନ୍ୟ ବିଷୟଗୁଡ଼ିକ ତୁଳନାରେ କମ୍ ମହତ୍ୱପୂର୍ଣ୍ଣ । ତୁମେ ଜାଣିଛ କି ଏହି ଯୁକ୍ତି ପଛରେ କେଉଁ ପ୍ରକାରର ମାନସିକତା କାର୍ଯ୍ୟ କରୁଛି ? ଯଦି ଏହା ବିଦ୍ୟାଳୟ ପ୍ରଶାସନ ସହ ସମ୍ପୃକ୍ତ ଏକ ବିଷୟ, ତେବେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଗୋଷ୍ଠୀ ମଧ୍ୟ ଏହି ବ୍ୟବସ୍ଥା ପାଇଁ ଦାୟୀ । ଏହାକୁ ତର୍ଜମା କଲେ ଏହା ସୁସ୍ପଷ୍ଟ ହେବ ଯେ ଶିକ୍ଷକମାନଙ୍କ ସହ ପିତାମାତାଙ୍କ ଆଚରଣ ମଧ୍ୟ ଅଧିକ ନୈରାଶ୍ୟଜନକ । ସେମାନଙ୍କ ଯୁକ୍ତି ହେଲା---

'ଯଦି ପିଲା କର୍ମ ଶିକ୍ଷାର ସେହି କାର୍ଯ୍ୟକୁ ଘରେ ସମ୍ପାଦନ କରିପାରିବ, ତେବେ କାହିଁକି ପିଲାମାନେ ସେମାନଙ୍କ ମୂଲ୍ୟବାନ ସମୟ ବିଦ୍ୟାଳୟରେ ନଷ୍ଟ କରିବେ । ବିଦ୍ୟାଳୟ କେବଳ ଶିକ୍ଷାଦାନ ଓ ଶିକ୍ଷଣକୁ ଗୁରୁତ୍ୱ ଦେବା ଉଚିତ ।'

ସମ୍ଭବତଃ ପିତାମାତାମାନେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ବିଷୟରେ ସଚେତନ ନଥାନ୍ତି । ତେଣୁ ସେମାନେ ପୁସ୍ତକଗତ ବିଦ୍ୟାକୁ ପ୍ରକୃତ ଜ୍ଞାନ ବୋଲି ବିବେଚନା କରନ୍ତି । ଏହି ପରିସ୍ଥିତିରେ କର୍ମ ଶିକ୍ଷା ଶିକ୍ଷକଙ୍କ କାର୍ଯ୍ୟ ହେଲା ସେମାନେ ପିତାମାତାଙ୍କୁ କର୍ମ ଶିକ୍ଷାର ମହତ୍ୱ ସଂକ୍ରାନ୍ତରେ ସଚେତନ କରାଇବା ପାଇଁ ଆନୁଷ୍ଠାନିକ ଭାବେ ଅଭିମୁଖୀ କରଣ କାର୍ଯ୍ୟକ୍ରମ ଆୟୋଜନ କରିବେ ।

ଯେକୌଣସି ଶିକ୍ଷା ବର୍ଷରେ ସୃଜନାତ୍ମକ କାର୍ଯ୍ୟକ୍ରମ ପାଇଁ ନିମ୍ନଲିଖିତ ପରିସ୍ଥିତିର ବ୍ୟବସ୍ଥା କରାଯାଇ ପାରିବ ।

**-ପିଟିଏ (ପିତାମାତା-ଶିକ୍ଷକ ସଂଗଠନ ବୈଠକ)**:-ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପରିବେଷ୍ଟନୀରେ ଥିବା ବିଦ୍ୟାଳୟରେ ପିତାମାତା-ଶିକ୍ଷକ ସଂଗଠନ ଗଠନ କରାଯାଇଥାଏ । ଏହି ସଂଗଠନର ବୈଠକ ନିୟମିତଭାବେ କରାଯାଉଛି । ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହିତ କର୍ମ ଶିକ୍ଷାର ଗୁରୁତ୍ୱ/ମହତ୍ୱ ଏହି ବୈଠକରେ ଆଲୋଚନା କରାଯାଇ ପାରିବ ।

**-ପିତାମାତା ଶିକ୍ଷକଙ୍କ ବୈଠକ**:-ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ଅଗ୍ରଗତିର ସବିଶେଷ ଓ ନିରନ୍ତର ସୂଚନା ପ୍ରଦାନ ପାଇଁ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟାଳୟକୁ ଆମନ୍ତ୍ରଣ କରାଯାଇଥାଏ । ଏହି ବୈଠକରେ ସାଧାରଣତଃ ପିତାମାତାଙ୍କୁ ସେମାନଙ୍କ ପିଲାର ଆଚରଣ ବିଶେଷକରି ପ୍ରତିଭା ପ୍ରଦର୍ଶନ, ଉପଲବ୍ଧି ଓ ଅଗ୍ରଗତି ବିଷୟରେ ସଚେତନ କରାଯାଏ । ଶିକ୍ଷକମାନେ କର୍ମଶିକ୍ଷାର ଆବଶ୍ୟକତା ଓ ଧାରଣା ବିଷୟରେ ପିତାମାତାଙ୍କୁ ଅବଗତ କରାଇପାରନ୍ତି । କର୍ମ ଶିକ୍ଷା ପ୍ରତି ରହିଥିବା ସେମାନଙ୍କ ନକରାତ୍ମକ ମନୋଭାବକୁ ସେମାନେ କର୍ମ ଶିକ୍ଷାର ବାସ୍ତବତା ଜରିଆରେ ବଦଳାଇଥାନ୍ତି ।

**ମାତୃ କ୍ଲବ୍‌ର ବୈଠକ:** ଅଧିକାଂଶ ବିଦ୍ୟାଳୟରେ ମା'ମାନଙ୍କର ବୈଠକ କରାଯାଉଛି । ତୁମେ ଲକ୍ଷ୍ୟ କରିଥିବ ଯେ ପିତାଙ୍କ ପରିବର୍ତ୍ତେ ମା'ମାନେ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ଛାଡ଼ନ୍ତି, ଆଣନ୍ତି ଏବଂ ଖେଳଛୁଟିରେ ଟିଫିନ୍ ମଧ୍ୟ ପ୍ରଦାନ କରିଥାନ୍ତି । ଘରେ ମଧ୍ୟ ସେମାନେ ସେମାନଙ୍କ ପାଠପଢ଼ା ଏବଂ ଘର କାର୍ଯ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତି । ସେମାନେ ନିରବଚ୍ଛିନ୍ନଭାବେ ସେମାନଙ୍କ ଶିକ୍ଷା ସହ ଯୋଡ଼ି ହେଉଥିବାରୁ ମା'ମାନଙ୍କୁ ନେଇ କ୍ଲବ୍ ଗଠନ ଏବଂ ପିଲାମାନଙ୍କ ଶିକ୍ଷା ସଂକ୍ରାନ୍ତରେ ମା'ମାନଙ୍କ ସହ ଆଲୋଚନା ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିପାରିବ । ମାତୃ କ୍ଲବ୍ ଜରିଆରେ ଗୋଷ୍ଠୀ ମଧ୍ୟ କର୍ମ ଶିକ୍ଷାର ମହତ୍ୱ ସମ୍ବନ୍ଧରେ ପରିଚିତ ହୋଇପାରିବ । ଯଦି ଏକ ବିଦ୍ୟାଳୟରେ ପିତୃ କ୍ଲବ୍ ବଦଳରେ ମାତୃ କ୍ଲବ୍ ଗଠନ ହୋଇପାରିବ ତେବେ ଶିକ୍ଷକମାନେ ସେମାନଙ୍କ ଜରିଆରେ ସେମାନଙ୍କ ଲକ୍ଷ୍ୟ ପୂରଣ କରିପାରିବେ ।

**ଗୃହ ପରିଦର୍ଶନ**: ସାଧାରଣତଃ କ୍ଷୁଦ୍ର ସହରରେ ଏବଂ ଗୋଟିଏ ପର୍ଯ୍ୟାୟ (ସିଫ୍ଟ) ଚାଲୁଥିବା ବିଦ୍ୟାଳୟରେ ଶିକ୍ଷକମାନେ ଘରକୁ ଘର ବୁଲି (ଗୃହ ପରିଦର୍ଶନ) ପିଲାମାନଙ୍କ ଅଗ୍ରଗତି ବିଷୟରେ ଜଣାଇଥାନ୍ତି; ଯାହା ସେମାନଙ୍କ ସମ୍ବେଦନଶୀଳତାର ପରିଚାୟକ । ମାତ୍ର ମେଟ୍ରୋ ସହର ପରିବେଷ୍ଟନୀରେ ଏହି ପ୍ରକାରର ଯୋଗାଯୋଗ ପ୍ରାୟତଃ ହୋଇନଥାଏ । ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସହିତ ପିତାମାତାଙ୍କୁ କର୍ମ ଶିକ୍ଷାର ମହତ୍ୱ ବିଷୟରେ ଯୋଗାଯୋଗ କରାଯାଇଥାଏ ।

ଟିପ୍ପଣୀ

**ଅନୌପଚାରିକ ବୈଠକ** : କେତେକ ଶିକ୍ଷକ ବିଦ୍ୟାଳୟ ନିକଟରେ ଅବସ୍ଥିତ ଗୋଷ୍ଠୀରୁ ହୋଇଥାନ୍ତି । ତେଣୁ ସେମାନେ ସେମାନଙ୍କ ଚିନ୍ତାଧାରା ବିଷୟରେ ଅନୌପଚାରିକ ଭାବରେ ଜଣାଇପାରନ୍ତି । ଏହି ଯୋଗାଯୋଗ ଏତେ ପ୍ରଭାବଶାଳୀ ହୋଇଥାଏ ଯେ ପିତାମାତା କର୍ମ ଶିକ୍ଷାର ମହତ୍ୱକୁ ବୁଝିବାରେ ସକ୍ଷମ ହୋଇଥାନ୍ତି ।

## ୧୫.୫ ସାରାଂଶ

ଏହି ଏକକରେ ତୁମେ ବିଦ୍ୟାଳୟ ଓ ଗୋଷ୍ଠୀର ପାରସ୍ପରିକ ନିର୍ଭରଶୀଳତା ବିଷୟରେ ଜାଣିଲ । ଗୋଷ୍ଠୀର ସଂଜ୍ଞା ନିରୂପଣ ଏବଂ ବିଦ୍ୟାଳୟ କାର୍ଯ୍ୟକ୍ରମ ଚିହ୍ନଟରେ ଗୋଷ୍ଠୀର ଭାଗିଦାରୀ ବିଷୟରେ ତୁମେ ତୁମ ବୁଝିବା ଶକ୍ତିର ବିକାଶ କରିପାରିଲ । ତୁମେ ଜାଣିଲ ଯେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପରିବେଷ୍ଟନୀରେ ଅନେକ ସମ୍ବଳ ରହିଛି ଯାହାକୁ କର୍ମ ଶିକ୍ଷା ସମ୍ବନ୍ଧିତ କାର୍ଯ୍ୟଗୁଡ଼ିକର ଆୟୋଜନ, ସଂଯୋଜନା ଓ ଅଭିବୃଦ୍ଧିରେ ବିନିଯୋଗ କରାଯାଇ ପାରିବ । ତୁମେ ସେହିସବୁ ଶିଳ୍ପକାର, ମାନବ ସମ୍ବଳଙ୍କୁ ଚିହ୍ନଟ କରିପାରିଲ ଯେଉଁମାନଙ୍କୁ ଅଧିକ ଜ୍ଞାନ ପାଇଁ ବିଦ୍ୟାଳୟକୁ ଆମନ୍ତ୍ରଣ କରାଯାଇ ପାରିବ । ଏହି ଏକକରୁ ଯେଉଁ ବୁଝିବା ଶକ୍ତି ବିକଶିତ ହେଲା ତାହା କର୍ମ ଶିକ୍ଷାର ଅଭିବୃଦ୍ଧି ଘଟାଇବ ।

## ୧୫.୬ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


* India's craft Tradition-(1980) Kamla Devi Chattopadhyay
* Craft in education (1962) Hansraj Bhatia, Asia Publishing house, Bombay.
* Totto Chan Tetsakoe Kurayanagee (Translation Purva Yagyik Kushwaha) National Book Trust, India.
* Minimum Resources, Maximum Usage (Thora Sadhan Ghana Prayog) – Viksam a. Sarabhai, Community Science Centre, Ahemedabad.
* Diva Swapn, Giju Bhai (Translation : Suraj Prakash/Prakash Sansthan, New Delhi.
* Bal Bhawan Society, Annual Report, (1985)
* Pleasures of Learning/Seekhne ka Anand) Vikram A. Sarabhar, Community Science center, Ahamadabad.
* Harijan, Mahatma Gandhi, Nanjuvan Prakashan Mandir, New Delhi.


## ୧୫.୭. ପାଠାନ୍ତ ପ୍ରଶ୍ନାବଳୀ

୧. ଜଣେ ଶିକ୍ଷକ ହିସାବରେ ଏକ ଗ୍ରାମ୍ୟ ପରିବେଶରେ ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ଶିକ୍ଷା ସମ୍ବନ୍ଧରେ ସଚେତନ କରିବା ଏବଂ କର୍ମ ଶିକ୍ଷାରେ ସେମାନଙ୍କୁ ସାମିଲ କରିବା ପାଇଁ ତୁମେ କି' ପ୍ରକାର ପଦକ୍ଷେପ ଗ୍ରହଣ କରିବ ।

୨. କର୍ମ ଶିକ୍ଷାର ଅଭିବୃଦ୍ଧି ପାଇଁ ପିତାମାତାଙ୍କ ସହ ତୁମେ କେଉଁ ପ୍ରକାର ଯୋଗାଯୋଗ ପଦ୍ଧତି ଆପଣାଇବ ?

୩. କର୍ମ ଶିକ୍ଷା ସଂକ୍ରାନ୍ତ କାର୍ଯ୍ୟଗୁଡ଼ିକ ପ୍ରତି ତୁମ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କର ନକରାତ୍ମକ ମନୋଭାବ ରହିଛି । ସେମାନଙ୍କ ମନୋଭାବ ପରିବର୍ତ୍ତନ ନିମନ୍ତେ ତୁମେ ସେମାନଙ୍କୁ କେଉଁ ବିନ୍ଦୁ ସଂକ୍ରାନ୍ତରେ ଭାବିବା/ଚିନ୍ତା କରିବାକୁ କହିବ ? ଯେକୌଣସି ଚାରିଟି ବିନ୍ଦୁ/ଉକ୍ତି ଲେଖ ।

୪. ତୁମ ଛାତ୍ରଛାତ୍ରୀଙ୍କ ପିତାମାତାମାନେ ସଖୀ କଣ୍ଢେଇ କଳାକାର ଅଟନ୍ତି । ବିଦ୍ୟାଳୟ କିପରି ଭାବରେ ସେମାନଙ୍କ ଅବଦାନକୁ ବିନିଯୋଗ କରିପାରିବ ଲେଖ ?